**ଭୋଟର ତାଲିକାରେ ଖବରଦାତାଙ୍କ ନାମ ସଂଶୋଧନ**

ବ୍ରହ୍ମପୁର,(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗୁରୁବାର ବ୍ରହ୍ମପୁର ଖବରଦାତାଙ୍କ ନିମନ୍ତେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମପୁର ଉପଖଣ୍ଡର ଖବରଦାତା ଓ ପରିବାରଙ୍କ ଭୋଟର ତାଲିକାରେ ନିଜ ନାମ ସଂଯୋଗ, ସଂଶୋଧନ ଓ ବିଲୋପ ସହ ଏକ ଭୋଟର ଭାବେ ଭୋଟ ଦେଇପାରିବେ। ପ୍ରଥମ ଦିନ ୨୬ ଜଣ ଖବରଦାତା ଭୋଟର ତାଲିକାରେ ନାମ ସଂଶୋଧନ କରିଥିଲେ। ବିଏଲଓ ଓ ବିଏଲଓ ସୁପରଭାଇଜରମାନେ ସହାୟତା କରିଥିଲେ। ଶୁକ୍ରବାର ଅପରାହ୍ନ ୨ଟା ଯାଏଁ ଏହା ଚାଲୁ ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବ୍ରହ୍ମପୁର ସହରରେ ବିକ୍ରି ହେବନି ବାଣ

**ଅନ୍ୟତ୍ର ସବୁଜ ବାଣ ବିକ୍ରିକୁ ଅନୁମତି**

ଛତ୍ରପୁର,୯।୧୧(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାର ପ୍ରମୁଖ ବ୍ରହ୍ମପୁର ସହରରେ ଚଳିତବର୍ଷ ମଧ୍ୟ ବାଣ ବିକ୍ରିକୁ ଅନୁମତି ଦିଆଯିବନି ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ବ୍ରହ୍ମପୁର ସହର ଉପକଣ୍ଠ ଅଞ୍ଚଳ ଓ ବାଇପାସ୍ ସ୍ଥାନରେ ବାଣ ବିକ୍ରିକୁ ଅନୁମତି ମିଳିଛି। ତେବେ ଉକ୍ତ ଅଞ୍ଚଳ ଜନବସତିଠାରୁ ଦୂରରେ କେବଳ ସବୁଜ ବାଣ ବିକ୍ରି ପାଇଁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ଦିଆଯାଉଛି । ସୂଚନାଯୋଗ୍ୟ ପ୍ରଦୂଷଣ ବଢୁଥିବାରୁ ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟ ନିକଟରେ କଟକଣା ଜାରି କରିଥିଲେ । ଏହି ନିର୍ଦ୍ଦେଶନାମାକୁ କଡାକଡି ଭାବେ ଜିଲା ପ୍ରଶାସନ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ଏହାକୁ ଆଧାର କରି ସବୁଜ ବାଣ ବିକ୍ରି ପାଇଁ ଜିଲାପାଳ ଅନୁମତି ଦେଇଛନ୍ତି। ଏପରିକି ପୋଲିସ, ତହସିଲଦାର ଓ ଅଗ୍ନିଶମ ବିଭାଗରର ଅନୁମୋଦନ ଆଣିବା ପରେ ଲାଇସେନ୍ସ ଦିଆଯାଇଛି। ସେହିପରି ସବୁଜ ବାଣ ପ୍ରସ୍ତୁତ କରୁଥିବା ନିର୍ଦ୍ଦିଷ୍ଟ କମ୍ପାନୀଗୁଡିକର ତାଲିକା ଗଞ୍ଜାମ ଜିଲା ପ୍ରଶାସନ ନିକଟକୁ ଆସିଛି । ସେ ସବୁ କମ୍ପାନୀର ବାଣ କିଣିବା ସର୍ତ୍ତରେ ବାଣ ଦୋକାନ ଖୋଲିବା ଲାଗି ଲାଇସେନ୍ସ ପ୍ରଦାନ କରାଯାଉଥିବା ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ୧୪୦ଟି ବାଣ ଦୋକାନ ଖୋଲିବାକୁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି।

### ଘରୁ ବାଇକ, ଲାପଟପ ଚୋରି

ବ୍ରହ୍ମପୁର,୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗରରେ ରହୁଥିବା ୨ ଯୁବକଙ୍କ ଘରୁ ଚୋରି ହୋଇଛି। ଏ ନେଇ ଦିପୁନ କୁମାର ମଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୫୭୧/୨୩ ରେ ଏକ ମାମଲା ରୁଜୁ କରି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଜରିଆରେ ଯାଞ୍ଚ କରୁଛି। ପ୍ରକାଶ ଯେ, କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ଅଞ୍ଚଳର ମୂଳନିବାସୀ ଦିପୁନ ଓ ତାଙ୍କର ଜଣେ ସାଙ୍ଗ ରାମନଗର ତୃତୀୟ ଲାଇନରେ ଏକ ଘର ଭଡା ନେଇ ରହୁଛନ୍ତି। ଗତ ୮ତାରିଖ ରାତିରେ ସେମାନେ ଖାଇ ସାରିବା ପରେ ଘରେ ଶୋଇଥିଲେ। ସକାଳୁ ଉଠିବା ବେଳକୁ କବାଟ ଖୋଲା ରହିଥିଲା ଓ ସେମାନଙ୍କର ଏକ ଲାପଟପ, ୩ଟି ମୋବାଇଲ ଫୋନ୍ ଏବଂ ଦାଣ୍ଡରେ ଥିବା ବାଇକ (ଓଡ଼ି ୦୭ ଏ ଏସ – ୪୪୫୧) ଗାଏବ ହୋଇଯାଇଥିଲା।

# ମହାବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା



ଉପଜିଲାପାଳ ଓ ବିଏମ୍‌ସି କମିଶନର ମହାବିଦ୍ୟାଳୟ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

ବ୍ରହ୍ମପୁର,୯।୧୧(ସ୍ମୃତି ରଞ୍ଜନ ମହାଲିକ)

ମହାମାୟୀ ମହିଳା ମହାବିଦ୍ୟାଳୟ ୫-ଟି ରୂପାନ୍ତରଣ ଅଭିଯାନରେ ସାମିଲ ହେବା ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ଗୁରୁବାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) କମିଶନର ଜେ ସୋନାଲ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମହାବିଦ୍ୟାଳୟକୁ ପରିଦର୍ଶନରେ ଯାଇ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମହାବିଦ୍ୟାଳୟର ୨ଟି କ୍ୟାମ୍ପସ ମଧ୍ୟରୁ ଗାନ୍ଧୀନଗରଠାରେ ରହିଥିବା କ୍ୟାମ୍ପସରେ ଯୁକ୍ତ ୨ ପାଠ ପଢାଯାଉଛି। ମିନାକ୍ଷୀ ନଗରଠାରେ ନୂତନ ଭାବେ ନିର୍ମାଣଧୀନ କ୍ୟାମ୍ପସରେ ଯୁକ୍ତ ୩ ପାଠ ପଢାଯିବ। ଉକ୍ତ ୨ଟି କ୍ୟାମ୍ପସ ୫ଟିରେ ରୂପାନ୍ତରଣ ହୋଇଛି। ଏଥିନିମନ୍ତେ ସାଢେ ୨ କୋଟି ଟଙ୍କା ଅନୁଦାନ ମିଳିଛି। କ୍ୟାମ୍ପସରେ ସ୍ମାର୍ଟ ଲାଇବ୍ରେରୀ, ଇ ଲାଇବ୍ରେରୀ, ପାନୀୟ ଜଳ ଓ ଛାତ୍ରୀଙ୍କ ନିମନ୍ତେ କମନ ରୁମ ନିର୍ମାଣ କରାଯିବ। ଯୁକ୍ତ ୨ କ୍ୟାମ୍ପସରେ ୬ଟି ଓ ଯୁକ୍ତ ୩ କ୍ୟାମ୍ପସରେ ୬ଟି ଅତ୍ୟାଧୁନିକ ଶ୍ରେଣୀ କକ୍ଷ ରହିବ। କ୍ୟାମ୍ପସର ସୌନ୍ଦର୍ଯ୍ୟକରଣ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି। ଉପଜିଲାପାଳ ଓ କମିଶନର କ୍ୟାମ୍ପସର ମ୍ୟାପ ଦେଖିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ଯନ୍ତ୍ରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ଶତପଥୀଙ୍କ ସମେତ ବହୁ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।


ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com




@ ସ୍ୱସ୍ତିବ୍ରତ


ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


# ଆଙ୍କୋଲି କାଳୀପୂଜା: ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ବ୍ରହ୍ମପୁର,୯।୧୧ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ସହରରେ କାଳୀପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ସହରର ଖୋଡ଼ାସିଂ, ଗୋଇଲୁଣ୍ଡି, ବ୍ରହ୍ମାନଗର, ଜଳେଶ୍ୱରଖଣ୍ଡି, ବଡ଼ଖେମୁଣ୍ଡି ସାହି ସମେତ ଆଙ୍କୋଲି ଠାରେ ପ୍ରତିବର୍ଷ ମା'ଙ୍କ ପୂଜା ହେଉଛି। ଚଳିତବର୍ଷ ଆଙ୍କୋଲି କାଳି ପୂଜା ୪ ବର୍ଷରେ ପଦାର୍ପଣ କରିଛି। ଆଙ୍କୋଲି ଲକ୍ଷ୍ମୀନଗରର ଯୁବକ ସଂଘ , ସାହି ବାସିନ୍ଦା ଓ ଲକ୍ଷ୍ମୀନଗରର କାଳୀପୂଜା କମିଟି ମିଳିତ ଭାବେ ଏହି ପୂଜା କରୁଛନ୍ତି। ଚଳିତ ବର୍ଷ ପୂଜା ବଜେଟ ପ୍ରାୟ ୮ଲକ୍ଷ ଟଙ୍କା ରହିଛି। ୯ଫୁଟ ଉଚ୍ଚତା ଓ ୯ ଫୁଟ ଓସାରର ମେଢ଼ ତିଆରି ହୋଇଛି। ଏହି ବର୍ଷ ବ୍ରହ୍ମପୁର ବିଜିପୁର ଅଞ୍ଚଳର ଚିଣ୍ଟୁଙ୍କ ସମେତ କେନ୍ଦ୍ରାପଡ଼ା ଓ ବାଲେଶ୍ୱରରୁ ଆସିଥିବା ତାଙ୍କ ୩ ସହଯୋଗୀ ମୂର୍ତ୍ତି ନିର୍ମାଣ କରିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଷ୍ଟେଜ ତିଆରି ହୋଇଛି। ସେହିପରି ବଜାର କମିଟି ପକ୍ଷରୁ ନିୟମିତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ପୂଜା ନଭେମ୍ବର ୧୨ ଦୀପାବଳିଠାରୁ ଆରମ୍ଭ ହୋଇ ୨୦ରେ ଶେଷ ହେବ। ଦୀପାବଳି ଦିନ ନିକଟସ୍ଥ ସିଙ୍ଘି ପୋଖରୀରୁ ଗଙ୍ଗାବରଣ ହେବ। ଏଥିରେ



ମା'ଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି।

ଲକ୍ଷ୍ମୀନଗର, ସୂର୍ଯ୍ୟନଗର, ସୁବାଷ ନଗର ଅଚଂଳର ମହିଳା ହରିଡ଼ାଖଣ୍ଡି, ବୋରିଗାଁ ଓ ଭାଟକୁମରଡ଼ା ଗ୍ରାମର ଢ଼ୋଲିଆ ବାଜାବାଜଣା ସହକାରେ ପହଞ୍ଚିବେ। ପ୍ରତ୍ୟହ ମାଁଙ୍କ ଷୋଡ଼ଶ ଉପଚାରରେ ପୂଜା ସହ ୧୦୮ ଆଳତୀ ହେବ। ନିୟମିତ ଅନ୍ନପ୍ରସାଦ ବଣ୍ଟନ ହେବ। ଭଜନ, ଲୋକନୃତ୍ୟ ଓ ଲୋକକଳା ଆୟୋଜନର କାର୍ଯ୍ୟକ୍ରମ ରହିଛି। ୧୯ରେ ମା'ଙ୍କ ଘଟ ବିସର୍ଜନ ସହ ୨୦ ସନ୍ଧ୍ୟାରେ ମା'ଙ୍କୁ ବିସର୍ଜିତ କରାଯିବ ବୋଲି ପୂଜା କମିଟି ସଭାପତି ଜଗନ୍ନାଥ ପାଣିଗ୍ରାହୀ କହିଛନ୍ତି।

### ସ୍ୱାମୀ ପରେ ସ୍ତ୍ରୀ ଗିରଫ

**ଜମି ଦେବା ନାଁରେ ଟଙ୍କା ଠକେଇ ମାମଲା**

ବ୍ରହ୍ମପୁର,୯।୧୧( ସୁବାସ ଚନ୍ଦ୍ର ପାଢ଼ୀ)

ଜମି ଦେବା ନାଁରେ ଏକ ଦମ୍ପତି ୨ଜଣ ମହିଳାଙ୍କଠାରୁ ୧୫ ଲକ୍ଷ ୩୮ ହଜାର ଟଙ୍କା ଠକି ନେବା ଘଟଣାରେ ପୋଲିସ ବୁଧବାର ଭାବିନୀପୁର ଶ୍ରୀନଗରର ଅଶୋକ କୁମାର ଜେନାଙ୍କୁ ଗିରଫ କରିଥିଲା। ଗୁରୁବାର ତାଙ୍କ ସ୍ତ୍ରୀ ପ୍ରିୟଙ୍କା ପ୍ରଧାନଙ୍କୁ ବାନ୍ଧିଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। କୋର୍ଟ ନିର୍ଦ୍ଦେଶରେ ଅଭିଯୁକ୍ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାୟଗଡା ଜିଲା ଗୁଡାରୀ ଅଞ୍ଚଳରେ ରହୁଥିବା ହିଞ୍ଜିଳିକାଟୁ ବୁରୁପଡା ଗ୍ରାମର ଉଷାରାଣୀ ବିଶ୍ୱାଳ ଓ ତାଙ୍କ ସାନ ଭଉଣୀ ପୁଷ୍ପାଞ୍ଜଳି ବିଶ୍ୱାଳ ବ୍ରହ୍ମପୁର ସହର ନିକଟରେ ଜମି କିଣିବାକୁ ଚାହୁଁଥିଲେ। ଉଭୟେ ଅଶୋକଙ୍କ ସହିତ ଯୋଗାଯୋଗ କରିଥିଲେ। ଅଶୋକ ଜମି କିଣାଇଦେବାକୁ କହି ଉଷାରାଣୀଙ୍କ ଠାରୁ ୮ ଲକ୍ଷ ଓ ପୁଷ୍ପାଞ୍ଜଳିଙ୍କ ଠାରୁ ୭ ଲକ୍ଷ ୩୮ ହଜାର ଟଙ୍କା ନେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁଇ ଭଉଣୀ ଜମି କିମ୍ବା ଟଙ୍କା ଫେରସ୍ତ ପାଇ ପାରିନଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେମାନେ ନିମଖଣ୍ଡି ଥାନାରେ ପୃଥକ ଭାବେ ଅଭିଯୋଗ କରିଥିଲେ।

# ଯନ୍ତ୍ରୀଙ୍କୁ ଆକ୍ରମଣ ମାମଲା: ଠିକାଦାର ନିର୍ଦ୍ଦୋଷ

ବ୍ରହ୍ମପୁର,୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ଥିତ ଋଷିକୂଲ୍ୟା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଗତ ମେ ମାସରେ କାର୍ଯ୍ୟାଳୟରେ ପଶି ଆକ୍ରମଣ କରିବା ମାମଲାର ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ଏସ୍‌ଡ଼ିଜେଏମ ପ୍ରଜ୍ଞାପରମିତା ପ୍ରତିହାରୀ ପ୍ରମାଣ ଅଭାବରୁ ଅଭିଯୁକ୍ତ ଠିକାଦାର କୋରେଶୁ ରଣାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗଞ୍ଜାମ ଜିଲା ବେଲଗାଁ, ଗଣ୍ଡଳା କେନାଲ ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଆସିକା କୋଟିନେଡ଼ା ଅଞ୍ଚଳର ଠିକାଦାର କୋରେଶୁ ଉକ୍ତ କେନାଲ ନିର୍ମାଣ କାମ କରୁଥିଲେ। ଯାହାର ତଦାରଖ କରୁଥିଲେ ସହକାରୀ ଯନ୍ତ୍ରୀ ପାତ୍ର। ନିର୍ମାଣ କାମ ବାବଦକୁ ବକେୟା ଟଙ୍କା ବିଲ ପାସ କରିବାକୁ ନେଇ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା। ଗତ ମେ ୧୭ ତାରିଖ ସନ୍ଧ୍ୟାରେ ଯନ୍ତ୍ରୀ କାର୍ଯ୍ୟାଳୟରେ ବସି କାମ କରୁଥିବା ବେଳେ ଠିକାଦାର ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ସେ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ବିଲ ପାସ ନ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଯନ୍ତ୍ରୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦୧/୨୩ରେ ମାମଲା ରୁଜୁ କରି ଠିକାଦାର ରଣାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ତାଙ୍କୁ ଜାମିନ ମିଳିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସଆଇ ବିଭୂତି ଭୂଷଣ ସେଠୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତ ନିର୍ଦ୍ଦୋଷ ହୋଇଛନ୍ତି। ମୁଦାଲାଙ୍କ ପକ୍ଷରୁ କୁମାରେଶ ପଣ୍ଡା ଓ ସସ୍ମିତା ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

# କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ



କୋର୍ଟପେଟା ଜଗନ୍ନାଥ ମନ୍ଦିର ଆଗରେ କଂଗ୍ରେସର ସତ୍ୟାଗ୍ରହ।

ବ୍ରହ୍ମପୁର,୯।୧୧(ନରସିଂହ ସାହୁ)

ବ୍ରହ୍ମପୁର କୋର୍ଟପେଟା ଛକ ଜଗନ୍ନାଥ ମନ୍ଦିର ଆଗରେ କଂଗ୍ରେସ ପକ୍ଷରୁ ଗୁରୁବାର ସଂକୀର୍ତ୍ତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ ନିର୍ଦ୍ଦେଶରେ ଶ୍ରୀକ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ୪ ଦ୍ୱାର ଖୋଲାଯିବା, ମହାପ୍ରଭୁଙ୍କ ରତ୍ନ ଭଣ୍ଡାରର ଅଳଙ୍କାର ଗଣତି ଓ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ ସହ ବେଦାନ୍ତ ଅଧିଗ୍ରହଣ କରିଥିବା ଜମି ଅବିଳମ୍ବେ ସରକାର ଫେରାଇ ଆଣିବା ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିଲା। ନଗର କଂଗ୍ରେସ ସଭାନେତ୍ରୀ ସୁବାସିନୀ ପଟ୍ଟନାୟକ ନେତୃତ୍ୱ ନେଇଥିଲେ। ଜଣାଶୁଣା ନେତାମାନଙ୍କ ଦେଖା ନ ଥିବା ବେଳେ କେତେକ କର୍ମୀ ଏଥିରେ ସାମିଲ ହୋଇଥିଲେ। ମହାନଗରରେ ପିସିସି ମୁଖପାତ୍ର ପୀତବାସ ପଣ୍ଡା ଓ ପିସିସି ସାଧାରଣ ସମ୍ପାଦକ ପ୍ରମୋଦ ଜେନା, ବରିଷ୍ଠ ନେତା ପ୍ରମୋଦ ଦାସ ପ୍ରମୁଖ ରହୁଛନ୍ତି। ତେବେ ଏହି ନେତାମାନେ ସଂକୀର୍ତ୍ତନ ସତ୍ୟାଗ୍ରହରେ କାହିଁକି ଅନୁପସ୍ଥିତ ରହିଲେ ସେନେଇ ରାଜନୀତି ବିଶ୍ଳେଷକ ଚର୍ଚ୍ଚା କରୁଛନ୍ତି। ପ୍ରତିକ୍ରିୟାରେ ପିସିସି ମୁଖପାତ୍ର ପଣ୍ଡା କହିଛନ୍ତି, କୌଣସି କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ସଂଗଠନ ପକ୍ଷରୁ ସୂଚନା ଦିଆଯାଉନାହିଁ। ଆଉ ମାତ୍ର କିଛି ମାସ ପରେ ସାଧାରଣ ନିର୍ବାଚନ ହେବ। ତଥାପି ଜିଲା ସଂଗଠନର ଚେତା ପଶୁନି ଏବଂ ନେତା ଓ କର୍ମୀଙ୍କୁ ଏକାଠି କରି ସଂଗଠନକୁ ମଜଭୁତ କରାଯାଉ ନାହିଁ ବୋଲି ଅଭିଯୋଗ କରାଯାଇଛି।

# ବିଏମ୍‌ସି ଷ୍ଟାଣ୍ଡିଂ କମିଟି ବୈଠକ



ବ୍ରହ୍ମପୁର,୯।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଏମସି ମେୟର ସଂଘମିତ୍ରା ଦଳେଇ, କମିଶନର ଜେ. ସୋନାଲ, ଡେପୁଟି ମେୟର ଇ. ବିବେକ ରେଡି, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସହରରେ ରାସ୍ତା ନିର୍ମାଣ, ବିଦ୍ୟୁତ ଓ ଜଳ ଯୋଗାଣ ଆଦି ସଂପର୍କରେ ଆଲୋଚନା ହୋଇଥିଲା। କର୍ପୋରେଟର ମଳୟ ବିଶୋୟୀ, ତ୍ରିପତି ପାତ୍ର, ମମତା ପାତ୍ର, ଆରତୀ ତନ୍ତିଙ୍କ ସମେତ ବିଏମସିର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ନକଲି ସାର୍ଟିଫିକେଟରେ ଚାକିରି

**ଥାନାରେ ମାମଲା ପରେ ପୋଲିସର ତଦନ୍ତ**

ବ୍ରହ୍ମପୁର,୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ଏସ୍‌ବିଆର ମହିଳା କଲେଜର ପିଅନ ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ହଳଦିଆପଦର ମଦନମୋହନପୁରର ଜି. ଧନରାଓ ଟାଉନ ଥାନାରେ କରିଥିବା ଅଭିଯୋଗ ପ୍ରକାରେ, ଏସବିଆର ମହିଳା ସ୍ୱୟଂଶାସିତ କଲେଜରେ ପିଅନ ଭାବେ କାର୍ଯ୍ୟରତ ଥିବା ବ୍ୟକ୍ତି ଜଣଙ୍କ ନକଲି ସାର୍ଟିଫିକେଟ ଦେଇଥିଲେ । ସେ ଯେଉଁ ସ୍କୁଲରୁ ପାଠପଢି ସ୍କୁଲ ଲିଭିଙ୍ଗ ସାର୍ଟିଫକେଟ (ଏସଏଲସ) ଆଣିଛନ୍ତି ସେହି ସାର୍ଟିଫିକେଟ ନକଲି ବୋଲି ଧନ ରାଓ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ପିଅନଙ୍କ ନକଲି ସାର୍ଟିଫିକେଟ ସାମନାକୁ ଆସିବା ପରେ କଲେଜ କର୍ତ୍ତୃପକ୍ଷ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିନାହାନ୍ତି କି ତାଙ୍କ ଦରମା ବନ୍ଦ କରିନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏହାର ଠିକ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧନ ରାଓ ପୋଲିସକୁ ଅନୁରୋଧ କରିଛନ୍ତି। ଏ ନେଇ ଟାଉନ ଥାନା ଅଧିକାରୀ ସୁରେଶ ତ୍ରିପାଠୀଙ୍କୁ ପଚରିବାରୁ ସେ କହିଛନ୍ତି, ଘଟଣାକୁ ନେଇ ଧନ ରାଓ ପୂର୍ବରୁ ଅଦାଲତରେ ମାମଲା ଦାୟର କରିଥିଲେ । ସେହିକ୍ରମରେ ଏକ ମାମଲା ରୁଜୁ ହୋଇ ତଦନ୍ତ କରାଯାଉଛି। ଅନ୍ୟପକ୍ଷରେ ଏସବିଆର ମହିଳା କଲେଜ ଅଧ୍ୟକ୍ଷ ଡ. କାହ୍ନୁଚରଣ ପାଢୀଙ୍କୁ ପଚାରିବାରୁ ସେ କହିଛନ୍ତି ଅଭିଯୋଗ ପରେ କଲେଜରେ ଏକ କମିଟି ଗଠନ କରି ତଦନ୍ତ ହୋଇଛି। ତଦନ୍ତ ରିପୋର୍ଟ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଥିବା ସୂଚନା ଦେଇଛନ୍ତି।

# ଭୋଟ ଯୁଦ୍ଧ ପାଇଁ ୨ ବାହିନୀ ସକ୍ରିୟ

**ଗୋପାଳପୁର ନିର୍ବାଚନମଣ୍ଡଳୀ ରାଜନୀତି**

ବ୍ରହ୍ମପୁର,୯।୧୧(ନରସିଂହ ସାହୁ)

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଶାସକ ଓ ବିରୋଧୀ ଦଳ ରାଜନୀତି ଚଳଚଞ୍ଚଳ ହେବାରେ ଲାଗିଛି। ବିଜେଡିକୁ ମୁକାବିଲା ପାଇଁ ଭାଜପା ପ୍ରସ୍ତୁତ ହେଉଛି। ବ୍ରହ୍ମପୁର ପଡ଼ୋଶୀ ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡି ଓ ଭାଜପା ମଧ୍ୟରେ ସମ୍ମାନର ପ୍ରଶ୍ନ ହୋଇଯାଇଛି। ସେଠାରେ ବିଜୁ ଯୁବ ବାହିନୀ ଓ ଅଞ୍ଚଳ ଯୁବ ବାହିନୀ ଅଧିକ ତତ୍ପର ହୋଇଥିବା ଲକ୍ଷ୍ୟ କରାଯାଇଛି। ସେହି ଆସନ ପୁନର୍ବାର ଦଖଲ କରିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରୁଛି। ଛଡ଼ାଇ ନେବା ପାଇଁ କସରତ ଆରମ୍ଭ କରି ଦେଇଛି ଭାଜପା।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନର ବର୍ଷକ ପୂର୍ବରୁ ୨୦୧୮ରେ ଗଞ୍ଜାମ ଜିଲାରେ ବିଜେଡି ଯୁବ କାର୍ଡ ଖେଳିଥିଲା। ଦଳର ଯୁବ ଗୋଷ୍ଠୀକୁ ସକ୍ରିୟ କରିବା ନିମନ୍ତେ ବିଜୁ ଯୁବ ବାହିନୀ ଗଠନ କରାଯାଇଥିଲା। ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରୋତ୍ସାହନ ଦିଆଯାଇ ଉତ୍ସାହିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ଯୁବବାହିନୀ ସ୍ୱତନ୍ତ୍ର ଡ୍ରେସ କୋର୍ଡ ପିନ୍ଧି ରାସ୍ତାରେ ବୁଲୁଥିଲେ। ଏହା ଦେଖି ଭାଜପାର ମୁଣ୍ଡ ବିନ୍ଧା ହୋଇଗଲା। ଭାଜପା ବରିଷ୍ଠ ନେତା ବିଭୂତି ଭୂଷଣ ଜେନା ମାଷ୍ଟର ଷ୍ଟ୍ରୋକ୍ ଦେବା ନିମନ୍ତେ ଅଞ୍ଚଳ ଯୁବ ବାହିନୀ ଗଠନ କଲେ। ବିଜୁ ଯୁବ ବାହିନୀ ବନାମ ଅଞ୍ଚଳ ଯୁବ ବାହିନୀ ରାଜନୀତିରେ ବେଶ ରୋଚକ ହୋଇଥିଲା। ସମ୍ପ୍ରତି ସାଧାରଣ ନିର୍ବାଚନ ନିକଟତର ହୋଇଥିବାରୁ ମୁଖ୍ୟତଃ ଗୋପାଳପୁରରେ ଅଞ୍ଚଳ ବାହିନୀ ଏବେଠୁ ସକ୍ରିୟ ହୋଇଛି।

ବିଭୁତି କହିବାନୁସାରେ ଅଞ୍ଚଳ ଯୁବ ବାହିନୀକୁ ରାଜନୀତିରୁ ଦୂରେଇ ରଖାଯାଇଛି। କେବଳ ଜନସେବାରେ ସେମାନଙ୍କୁ ନିୟୋଜିତ କରାଯାଉଛି। ତେବେ ବିଭିନ୍ନ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଭାଜପାର ଅଞ୍ଚଳ ବାହିନୀ ନିର୍ବାଚନ ପାଇଁ ପ୍ରସ୍ତୁତି ଚଳାଇଛି। ୧୯ ନିର୍ବାଚନରେ ମାତ୍ର ୨୬୦୦ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀ ପରାସ୍ତ ହୋଇଥିବାରୁ ୨୪ ନିର୍ବାଚନରେ ବିଜେଡିକୁ କଡ଼ା ଟକ୍କର ଦେବା ଲାଗି ଅଞ୍ଚଳ ଯୁବ ବାହିନୀକୁ ସକ୍ରିୟ କରାଯାଉଛି। ଉଭୟ ଦଳର ଟାର୍ଗେଟରେ ରହିଛି ଗୋପାଳପୁର। ଶଙ୍ଖ ଦଳରୁ ବିତାଡ଼ିତ ଗୋପାଳପୁର ବିଧାୟକ ପାଣିଗ୍ରାହିଙ୍କ ଗୋଷ୍ଠୀ ପକ୍ଷରୁ ପ୍ରଦୀପ ସେନା ମଧ୍ୟ ନିର୍ବାଚନ ପୂର୍ବରୁ ତତ୍ପର ହୋଇଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପକ୍ଷରେ ଗୋପାଳପୁର ବିଜେଡି ସଂଗଠନରେ ବିଭିନ୍ନ କାରଣରୁ ଅସନ୍ତୋଷ ଦେଖାଦେଇଛି। ସମସ୍ତଙ୍କୁ ଏକାଠି କରି ସଂଗଠନକୁ ଅଧିକ ମଜଭୁତ କରିବା ଲାଗି ବ୍ରହ୍ମପୁର ବିଧାୟକ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଗତ ମାସକ ମଧ୍ୟରେ ଏକାଧିକ କର୍ମୀ ସମ୍ମିଳନୀ କରି ସଂଗଠନ ସଜାଡ଼ିବାରେ ଲାଗିଛନ୍ତି। ଫଳରେ ୨୪ ନିର୍ବାଚନରେ ଗୋପାଳପୁର ଭୋଟ ଯୁଦ୍ଧ ଘମାଘୋଟ ହେବାର ପୂର୍ବାନୁମାନ କରାଯାଇଛି।

### ଲିଙ୍ଗରାଜ ଆଇନ କଲେଜରେ ଆଇନ ସେବା ଦିବସ

ବ୍ରହ୍ମପୁର,୯।୧୧(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ପରିସରରେ ଗୁରୁବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଏଥିରେ ଗଞ୍ଜାମ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ରୂପଶ୍ରୀ ଚୌଧୁରୀ ଯୋଗଦେଇ ମାଗଣା ଆଇନ ସହାୟତା ଓ ପୀଡିତା କ୍ଷତିପୂରଣ ସଂପର୍କରେ କହିଥିଲେ। ବ୍ରହ୍ମପୁର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ, ରେଜିଷ୍ଟ୍ରାର ସିଭିଲ ଜଜ୍ କମ୍ ଇନଚାର୍ଜ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଏନ.ସି. ପଟ୍ଟନାୟକ ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଟି. କେ. ରେଡ୍ଡୀ, ସଦସ୍ୟା ତଥା ଆଇନଜୀବୀ ଡ. ମିନାକ୍ଷୀ ଦେବୀ, କବିତା ସାହୁକାରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପଦଯାତ୍ରାରେ ଆଇନ ସେବା ସହାୟତାର ବାର୍ତ୍ତା



ସଚେତନତା ପଦଯାତ୍ରା ସହର ପରିକ୍ରମା କରୁଛି।

ବ୍ରହ୍ମପୁର,୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଓ ଦୌରା ଜର୍ଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ରୂପଶ୍ରୀ ଚୌଧୁରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ୧୯୯୫ ନଭେମ୍ବର ୯ ତାରିଖରେ ଆଇନ ସେବା ପ୍ରାଧିକରଣ ଆଇନ-୧୯୮୭ ଗୃହୀତ ହୋଇଥିଲା। ସେହି ଦିବସକୁ ସ୍ମରଣୀୟ କରିବା ସହ ଦେଶବାସୀଙ୍କ ମଧ୍ୟରେ ଆଇନ ସଚେତନତାର ପ୍ରସାର ପାଇଁ ସେବେଠାରୁ ପ୍ରତିବର୍ଷ 'ଜାତୀୟ ଆଇନ ସେବା ଦିବସ' ପାଳନ କରାଯାଉଛି।

ଦେଶର ଯେ କେହି ନାଗରିକ ଯେ କୌଣସି ପୃଷ୍ଠଭୂମିରୁ ଆସିଥାନ୍ତୁ ନା କାହିଁକି, ତାଙ୍କର ପରିଚୟ ଯାହା ବି ହେଉ ପ୍ରତ୍ୟେକଙ୍କୁ ମାଗଣା ଆଇନ ସେବା ସହାୟତା ମିଳିପାରିବ ବୋଲି ଏହି ଦିବସର ବାର୍ତ୍ତା ରହିଛି। ବିଶେଷକରି ଦଳିତ, ମହିଳା, ଭିନ୍ନକ୍ଷମ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପରି ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କଠାରେ ଅନେକ ସମୟରେ ଆଇନଗତ ସଚେତନତା ନ ଥିବା ଦେଖିବାକୁ ମିଳିଥାଏ। ତେଣୁ ସେମାନଙ୍କୁ ସେମାନଙ୍କ ଅଧିକାର ଓ ମାଗଣା ଆଇନ ସେବା ସମ୍ପର୍କରେ ଅବଗତ କରାଯାଇଥାଏ। ପଦଯାତ୍ରାରେ ବ୍ରହ୍ମପୁର ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷାଙ୍କ ସମେତ ସିଭିଲ କୋର୍ଟ ରେଜିଷ୍ଟ୍ରର କମ ଇନଚାର୍ଜ ଜିଲା ଆଇନ ସେବା ପ୍ରାଧିକରଣ ସେକ୍ରେଟାରୀ ସୁଶାନ୍ତ କୁମାର ମିଶ୍ରଙ୍କ ସହ ବ୍ରହ୍ମପୁର କୋର୍ଟର ସମସ୍ତ ବିଚାରପତି ଏବଂ କର୍ମଚାରୀବୃନ୍ଦ, ଡ଼ିଏଲଏସଏ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସଦସ୍ୟା ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ।

